## ସଂକ୍ଷେପରେ

### ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଗ୍ରାମବାସୀ ଆହତ

**ମାଲକାନଗିରି, ୨୩।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଗ୍ରାମବାସୀ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଛତିଶଗଡ ବିଜାପୁର ପାମେଡ଼ ଥାନା ଅନ୍ତର୍ଗତ ଧର୍ମାରାମ ସ୍କୁଲପାରା ବାସିନ୍ଦା ଚନ୍ଦ୍ରିୟା ସପକା ନିକଟସ୍ଥ ଚିନ୍ତାଗୁଫା ନଦୀକୁ ମାଛ ଧରିବାକୁ ଯାଇଥିଲେ। ମାଓବାଦୀ ଖଞ୍ଜିଥିବା ପ୍ରେସର ଆଇଇଡି ବୋମାରେ ଗୋଡ଼ ପଡିଯିବାରୁ ଫୁଟିବା ଫଳରେ ଚନ୍ଦ୍ରିୟାଙ୍କ ଡାହାଣ ଗୋଡ଼ ନଷ୍ଟ ହୋଇଯାଇଥିଲା। ଗୁରୁତର ଚନ୍ଦ୍ରିୟାଙ୍କ ଡାକ ଶୁଣି ଲୋକେ ପହଞ୍ଚି ନିକଟସ୍ଥ ଏକ ଗ୍ରାମକୁ ଆଣିଥିଲେ। ଏହି ଖବର ପାଇ ସିଆର୍‌ପିଏଫ୍ ୧୫୧ ବାହିନୀ ଏବଂ ୨୦୪ କୋବ୍ରା ବାହିନୀର ଯବାନମାନେ ପ୍ରାଥମିକ ଚିକିତ୍ସା କରିବା ପରେ ୨୦୪ କୋବ୍ରା ଫିଲ୍ଡ ହସ୍ପିଟାଲକୁ ଆଣିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ଚନ୍ଦ୍ରିୟା ସାପକାଙ୍କୁ ଆମ୍ବୁଲାନ୍ସ ଯୋଗେ ପଡ଼ୋଶୀ ରାଜ୍ୟ ତେଲଙ୍ଗାନାର ଭଦ୍ରଚାଲାଣକୁ ପଠାଇଥିଲେ।

### କାଲିମେଳାରେ ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ

**କାଲିମେଳା, ୨୩।୧୧ (ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମାରେ ଶ୍ରୀ ଶ୍ରୀ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ବାବା ସତ୍ୟସାଇଙ୍କ ୯୮ ତମ ଜନ୍ମବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାଲିମେଳା ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ସହସ୍ରାଧିକ ଭକ୍ତଙ୍କ ଉପସ୍ଥିତିରେ ଆଶ୍ରମରେ ସତ୍ୟସାଇ ବାବାଙ୍କ ପାଖରେ ଧୂପ ଦୀପ ନୈବେଦ୍ୟ ଅର୍ପଣ କରାଯାଇ ଆଶିଷ ଭିକ୍ଷା କରିଥିଲେ। ବାବାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମକୁ କମିଟି ସଭାପତି ବିପ୍ରଚରଣ ଦାସ, ସମ୍ପାଦକ ରାଧା ପଟ୍ଟନାୟକଙ୍କ ସମେତ କେ. ପୂର୍ଣ୍ଣଚନ୍ଦ୍ର ପାତ୍ର, ନିହାର ରଞ୍ଜନ ଜେନା, ଏସ୍. ରମେଶ, ସମେସୋ ସୁବୁଦ୍ଧି, ରଘୁନାଥ ରାଓଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଲେ ଆଇଆଇସି

**ଡାବୁଗାଁ, ୨୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ–ଉମରକୋଟ ମୁଖ୍ୟ ରାସ୍ତା ଉପରେ ଗୁରୁବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଗାଡ଼ି ଧକ୍କା ଦେବାରୁ ଡାବୁଗାଁ ଭୈରବ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ ଛାତ୍ରୀ ଜ୍ୟୋତି ହରିଜନ ଗୁରୁତର ହୋଇଛନ୍ତି। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଡାବୁଗାଁ ଆଇଆଇସି ସୁନିଲ କୁମାର ପ୍ରଧାନ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଜ୍ୟୋତିଙ୍କୁ ପ୍ରାଥମିକ ଚିକତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ (ଓଡ଼ି–୨୪ଡି–୬୧୯୭)କୁ ଜବତ କରାଯାଇଛି। ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି।

# ବିଜେଡି ପ୍ରଶିକ୍ଷଣ ଶିବିରର ୩ୟ ଦିନରେ ସଙ୍ଗଠନ ଦୃଢ଼ କରିବାକୁ ଆହ୍ୱାନ

**ମାଲକାନଗିରି, ୨୩।୧୧ (ଦୁର୍ଯ୍ୟୋଧନ ପାତ୍ର)**



କାର୍ଯ୍ୟକ୍ରମରେ ବିଜେଡି କର୍ମକର୍ତ୍ତା ।

ବିଜୁ ଜନତା ଦଳକୁ ସଂଗଠିତ କରିବା ଏବଂ ସୁଦୃଢ଼ କରିବା ସହ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କ ବିକାଶ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳର ପ୍ରଶିକ୍ଷଣ ଶିବିର ଚାଲିଛି। ମାଲକାନଗିରି ସଂସ୍କୃତି ଭବନରେ ୩ୟ ଦିନରେ ବିଜେଡି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ବ୍ଲକ ଜିଲା ପରିଷଦ ଜୋନ୍ ୩, କାଲିମେଳା ବ୍ଲକ ଜିଲା ପରିଷଦ ଜୋନ୍ ୩ ଏବଂ କୋରୁକୋଣ୍ଡା ବ୍ଲକ ସମସ୍ତ ୱାର୍ଡ କମିଟି ଓ ବୁଥ୍ କମିଟିର ସକ୍ରିୟ ସଭ୍ୟା/ସଭ୍ୟ ଯୋଗଦେଇ ତାଲିମ ଗ୍ରହଣ କରିଛନ୍ତି। ପ୍ରଶିକ୍ଷଣ ଶିବିରରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ସକ୍ରିୟ କାର୍ଯ୍ୟକର୍ତ୍ତା ଘରକୁ ଘର ଯାଇ ନବୀନ ଓଡ଼ିଶା ବିକାଶର ବାର୍ତ୍ତା ସହ ଦଳର ସଂଗଠନକୁ ଆହୁରି ଦୃଢ କରି ଲୋକଙ୍କ ନିକଟତର ହେବା ପାଇଁ ଉପଦେଶ ଦେଇଥିଲେ। ରାଜ୍ୟ ବିଜୁ ଜନତା ଦଳର ମାଷ୍ଟର ଟ୍ରେନର ଅଶୋକ କୁମାର ନାୟକ ଏବଂ ଓମ୍ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ତାଲିମ ପ୍ରଦାନ କରିଥିଲେ। ମାଲକାନଗିରି ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଉପସ୍ଥିତ ଥିବା ସମସ୍ତ ସକ୍ରିୟ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ମନ ବଳ ବଢ଼ାଇବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

ପ୍ରଶିକ୍ଷଣ ଶିବିରରେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ଉପଦେଷ୍ଟା ତପନ ସାନା, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ପର୍ଯ୍ୟବେକ୍ଷକ ପ୍ରସାଦ ବିଡିକା, ବରିଷ୍ଠ ନେତା ପରିତୋଷ ସରକାର, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ସଭ୍ୟା ଅପର୍ଣ୍ଣା ମଣ୍ଡଳ, ଗଣେଶ ମଣ୍ଡଳ, ଡନେଲ କୁମାର ପୋଟଲା ପ୍ରମୁଖ ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ

**ମାଲକାନଗିରି, ୨୩।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡାରେ ଏକ ଆଇଇଡି ବୋମା ବିସ୍ଫୋରଣ ହୋଇଛି। ଏଥିରେ ୨ ଯବାନ ଆହତ ହୋଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ବସ୍ତର ଫାଇଟର ଯବାନମାନେ ମାଓବାଦୀ ଦମନ ପାଇଁ ଦାନ୍ତେୱାଡା ଜିଲା ଅରନପୁର ଥାନା ଅନ୍ତର୍ଗତ କୁମାରଗୁଡା ରାସ୍ତାରେ ମାଓବାଦୀମାନେ କୋମ୍ବିଂ ସମୟରେ ଏକ ଆଇଇଡି ବୋମା ବିସ୍ଫୋରଣ କରିଥିଲେ। ଏହି ବିସ୍ଫୋରଣ ଫଳରେ ବସ୍ତର ଫାଇଟର୍ସର ୨ ଯବାନ ମଧ୍ୟରୁ ଜଣକ ଗୋଡ଼ରେ ଗଭୀର ଆହତ ଲାଗିଥିବାରୁ ଯବାନ ଜଣକୁ ହେଲିକପ୍ଟରରେ ରାୟପୁର ଚିକିତ୍ସା ଲାଗି ପଠାଯାଇଛି। ଯବାନ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି ଏବଂ ଅନ୍ୟ ଜଣେ ଯବାନ ସାମାନ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି।

# ଭୋଟର ତାଲିକା ପାଇଁ ୨୫ରେ ସ୍ୱତନ୍ତ୍ର ଅଭିଯାନ

**ମାଲକାନଗିରି, ୨୩।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ଭୋଟର ତାଲିକା ସଂଶୋଧନ ନିମନ୍ତେ ଆସନ୍ତା ୨୫ରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭, ୫୮୫ ଫର୍ମ ସଂଗ୍ରହ କରାଯାଇଥିବା ସହ ସ୍ୱତନ୍ତ୍ର ସଂକ୍ଷିପ୍ତ ଅଭିଯାନରେ ଅଦ୍ୟାବଧି ୨୮୭୦ ଭୋଟର ସଂଶୋଧନ ନିମନ୍ତେ ଆବେଦନ କରିଥିବା ନେଇ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ଭୋଟର ତାଲିକା–୨୦୨୪ ନିମନ୍ତେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ଦାବି ଓ ଅଭିଯୋଗ ନିମନ୍ତେ ଅକ୍ଟୋବର ୨୭ରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ୯ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଶେଷ ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୨୫ରେ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ସମସ୍ତ ଦାବି ଓ ଅଭିଯୋଗ ତଥ୍ୟ ସଂଗ୍ରହ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ପଞ୍ଜୀକରଣ ନିମନ୍ତେ ବର୍ତ୍ତମାନ ସୁଦ୍ଧା ୭, ୫୮୫ ଫର୍ମ ସଂଗ୍ରହ କରାଯାଇଛି। ସେହିପରି ସ୍ୱତନ୍ତ୍ର ସଂକ୍ଷିପ୍ତ ଅଭିଯାନରେ ଅଦ୍ୟାବଧି ୨୮୭୦ ସଂଶୋଧନ ନିମନ୍ତେ ଆବେଦନ କରିଛନ୍ତି।

# ବିକଶିତ ଭାରତ ଯାତ୍ରାରେ ସଚେତନତା

**ପଡ଼ିଆ, ୨୩।୧୧ (ଭାସ୍କର ରାଓ)**

କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯୋଜନାକୁ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ତତ୍ତ୍ୱାବଧାନରେ ପଡିଆ ବ୍ଲକ୍ ପରିସର ଏବଂ ବାପାନପାଲ୍ଲି ପଞ୍ଚାୟତ ଖେଳ ପଡିଆରେ ବିକଶିତ ଭାରତ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ବିକଶିତ ଭାରତ ଯାତ୍ରା ଗାଡ଼ିରେ ଏଲ୍‌ଇଡି ମାଧ୍ୟମରେ ଅଞ୍ଚଳବାସୀଙ୍କୁ ଅବଗତ କରାଯାଇଥିଲା। ବାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା, ଭିନ୍ନକ୍ଷମ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଲା ଗ୍ୟାସ୍, ଏମ୍‌ଜିଏନ୍‌ଆରଇଜିଏସ୍, ଜଳ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ରାଜେନ୍ଦ୍ର ମୋହନ କର ସମିତି ଅଧ୍ୟକ୍ଷା ଯମୁନା ମୁଚାକି, ବିଜେଡି ବ୍ଲକ ସଭାପତି ଏମ୍‌ଡି ଫାରୁକ, ବିଧାୟକ ପ୍ରତିନିଧି କୋଟାମ ବାଲାୟା, ଏନ୍. ରାଘବ ରାଓ, ସରପଞ୍ଚ ଗଙ୍ଗା କାରାମ, ଜିଲା ପରିଷଦ ସଭ୍ୟ ସୁରଭି ଭୌମିକ, ଗ୍ରାମବାସୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବିକଶିତ ଭାରତ ଯାତ୍ରା ଗାଡି ସମସ୍ତ ପଞ୍ଚାୟତକୁ ଯାତ୍ରା କରି ଅଞ୍ଚଳବାସୀଙ୍କୁ ସଚେତନ କରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବିଜ୍ଞାନ କଂଗ୍ରେସ ମେଳା ପ୍ରସ୍ତୁତି ବୈଠକ

**ଗୋବିନ୍ଦପାଲି, ୨୩।୧୧ (କାର୍ତ୍ତିକ ରଥ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ନୂତନ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ହେବାକୁ ଥିବା ୩୩ ତମ ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ମେଳା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଆବାହକ ମାନସ ରଞ୍ଜନ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଞ୍ଚାୟତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ୩ ଉପ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ କେତେକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ। ଆଗାମୀ ବିଜ୍ଞାନ ମେଳା କିପରି ଶାନ୍ତିଶୃଙ୍ଖଳାର ସହିତ ହେବ ସେ ଦିଗରେ ଆଲୋଚନା କରାଯାଇଥିଲା। ଗତ ବର୍ଷ ଡିସେମ୍ବର ୭ରେ ମୁଣ୍ଡିଗୁଡାଠାରେ ହୋଇଥିବା ବିଜ୍ଞାନ ମେଳାର ଆୟ ବ୍ୟୟକୁ ଭୋଜରାଜ ମେହେର ବୈଠକରେ ଉପସ୍ଥାପନ କରିଥିଲେ। ଶେଷରେ ସ୍ଥାନୀୟ ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୮ ତାରିଖରେ ଚଳିତ ବର୍ଷର ବିଜ୍ଞାନ ମେଳା କରିବାକୁ ସ୍ଥିର କରାଯାଇଥିଲା।

# ସାଇବର ଅପରାଧ ସଚେତନତା କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥି ।

**ବାଲିମେଳା, ୨୩।୧୧ (ଶିବଦତ୍ତ ସାହୁ)**

କୁଡୁମୁଲୁଗୁମ୍ମାସ୍ଥିତ ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ସାଇବର ଅପରାଧ ରୋକିବା ନିମନ୍ତେ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ, ଓଡ଼ିଶା ଟିଆରଏଆଇର ସଦସ୍ୟ ଗୋକୁଳ ଚନ୍ଦ୍ର ଦାସ, ମାଲକାନଗିରି ଜିଲା ଭାରତ ସଞ୍ଚାର ନିଗମ ଜେଟିଓ ଏ. ରାମାକ୍ରିଷ୍ଣା , ଜେଟିଓ ପି. ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ଛାତ୍ରଙ୍କୁ ସାଇବର ଅପରାଧ ରୋକିବା ନିମନ୍ତେ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ସଚେତନ କରାଇଥିଲେ। ଅପରାଧ ରୋକିବା ପାଇଁ ଅଭିନବ ପ୍ରୟାସ ମୋବାଇଲ ହ୍ୟାକିଂଠାରୁ ଆରମ୍ଭ କରି ଡିଜିଟାଲ ପ୍ଲାଟଫର୍ମରେ ହେଉଥିବା ଆର୍ଥିକ ନେଣଦେଣ ଠକେଇ ସମ୍ପର୍କରେ ଅବଗତ କରାଇବା, ଏଭଳି ଅପରାଧ ରୋକିବା ଦିଗରେ ଉପଯୁକ୍ତ ଫୋରମ୍‌ରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ।

# ସ୍ୱାଭିମାନ ଅଞ୍ଚଳରେ ସାମାଜିକ ସମୀକ୍ଷା

**ଚିତ୍ରକୋଣ୍ଡା, ୨୨।୧୧ (କ୍ଷୀରୋଦ ବେହେରା)**

ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ବଡ଼ପଦର ପଞ୍ଚାୟତରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ– ୨୦୧୩, ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଅବଧି ଆର୍ଥିକ ବର୍ଷ ୨୩–୨୪ ର କରାଯାଇଥିଲା । ଏଥିରେ ରାଜ୍ୟର ସୋସିଆଲ ଅଡିଟ ଏକ୍ସପର୍ଟ ସାନ୍ଧ୍ୟାରାଣୀ ଦାସ ଅଧିକାରୀ ସମୀକ୍ଷାରେ ଯୋଗ ଦେଇଥିଲେ। ମାଲକାନଗିରି ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ବ୍ଲକ ସାମାଜିକ ସମୀକ୍ଷକ ବେଲାଳସେନ ଗୁଣ୍ଡା, ଚିତ୍ରକୋଣ୍ଡା ବ୍ଲକର ୭ ଜଣ ଜିପି ଅଡିଟର, ବଡ଼ପଦର ସରପଞ୍ଚ ସ୍ୱପ୍ନା ଖିଲ, ପିଇଓ, ଜିଆରଏସ ଆଇସିଡିଏସ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବ୍ଲକ୍‌ରୁ ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ଝରିଗାଁ, ୨୩।୧୧ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୩–୨୪ ଅନୁଷ୍ଠିତ ହୋଇଯାଇଛି। ବିଇଓ ଜଗନ୍ନାଥ ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥଲେ। ସେହିପରି ଚଳିତ ବର୍ଷ ବିଜ୍ଞାନ ପ୍ରଦର୍ଶନୀରେ ବ୍ଲକର ୭୫ ବିଦ୍ୟାଳୟରୁ ୯୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଇଓ ଧାରୁଆ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏବିଇଓ ଦଶରଥ ଗଣ୍ଡ, ବଳଭଦ୍ର ବିଷୋୟୀ ଏବଂ ଝରିଗାଁ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋହିନୀ ତପସ୍ୱିନୀ ହଜାରୀ ଉପସ୍ଥିତ ଥିଲେ। କୋଦଭଙ୍ଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର


ବିଇଓଙ୍କ ସହ ଅନ୍ୟ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ଜେନା, ପୁର୍ଲ୍ଲା ଉଚ୍ଚ ବିଦ୍ୟାଳୟର ଅଜୟ କୁମାର ନନ୍ଦ ବିଚାରକଭାବେ ଉପସ୍ଥିତ ଥିଲେ। ସେମାନେ ୫ଟି ସର୍ବୋତ୍ତମ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଉକ୍ତ ପ୍ରକଳ୍ପ ସହ ୨୫ ସାନ୍ତ୍ୱନାମୂଳକ ପ୍ରକଳ୍ପକୁ ପୁରସ୍କୃତ କରାଯାଇଛି। ଧାମନଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଶ୍ୟାମ ପନକାଙ୍କ ସ୍ମାର୍ଟ କାର୍ଡ ମାଧ୍ୟମରେ ଚାଉଳ ବାଣ୍ଟିବା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରାଞ୍ଜଳ ମିଶ୍ରଙ୍କ ରାମାନୁଜନଙ୍କ ମ୍ୟାଜିକ ସ୍କୋୟାର, ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କିରଣ ନାୟକଙ୍କ କାର୍‌ବର୍ନ ପ୍ୟୁରିଫିକେଶନ, କୁସୁମୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଦଇତାରି ସାହୁଙ୍କ ହାତ ତିଆରି ସିଞ୍ଚନ ଯନ୍ତ୍ର ଓ ବାଣୁଆଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସନନ୍ଦ ଗଣ୍ଡଙ୍କ ହାଇଡ୍ରୋଲିକ ବ୍ରେକିଂ ସିଷ୍ଟମ ପ୍ରକଳ୍ପ ଜିଲାସ୍ତର ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। କାର୍ଯ୍ୟକ୍ରମକୁ ସିଆର୍‌ସିସି ସତ୍ୟବ୍ରତ ସ୍ୱାଇଁ, ପଦାରବିନ୍ଦ ମହାଲିକ, ବ୍ରଜକିଶୋର ଦଳାଇ, ବିଭୁପ୍ରସାଦ ତ୍ରିପାଠୀ, ଗୋକୁଳ ହରିଜନ, କ୍ଷମା ହରିଜନଙ୍କ ସହ ଅନ୍ୟ ସିଆର୍‌ସିସିମାନେ ସଫଳ କରିଥିଲେ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନବରଙ୍ଗପୁର, ୨୩।୧୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଅମଲା ଭବନରେ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ସଂଘ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦ ଅଧ୍ୟକ୍ଷ ଚକ୍ରଧ୍ୱଜ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟିକ ଡ଼ ରାଜେନ୍ଦ୍ର ପାଢ଼ୀ ଓ ସାଇମନ ବିଡ଼ିକାଙ୍କୁ ଆଦିବାସୀ ଗବେଷକ ଓ ନବରଙ୍ଗପୁର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ପରିଷଦର ସୁରେଶ ମୋହନ କଟିମ, କମଳ ଲୋଚନ ଗୌଡ଼, ଡମ୍ବୁ କୁମ୍ଭାର, ଟିଙ୍କା ଭତ୍ରାଙ୍କୁ ମାନପତ୍ର ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମାଜିକକର୍ମୀ ନରହରି ନାୟକ, ସରୋଜ ଭତରା, ବିଦ୍ୟାଧର ଦୁରିଆ, ବିଶ୍ୱନାଥ ଦିଶାରୀ, ଜଗଦୀଶ ଖରା, ଚୁନି ଲାଲ ମିର୍ଜା ଓ ଜିଲା ସଭାପତି ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସଂଗ୍ରାମର ଗାଥା ସମ୍ପର୍କରେ କହିଥିଲେ। ପରିଷଦ ପକ୍ଷରୁ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ନାଗ, ରଞ୍ଜନ ମହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକମୁକ୍ତ ସୋସାଇଟି ଗଢ଼ିବାକୁ ସଚେତନତା

**ଉମରକୋଟ, ୨୩।୧୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋସାଇଟିକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ଏକ ପ୍ରଚାର ରଥ ସହର ପରିକ୍ରମା କରିଥିଲା। ଏହି ପ୍ରଚାର ରଥକୁ ଅଧ୍ୟକ୍ଷା ଦୀପକ ସରକାର ଶୁଭାରମ୍ଭ କରିଥିଲେ। ପରେ ରଥ ଅନୁଷ୍ଠାନରୁ ବାହାରି ପେଣ୍ଡ୍ରାଣି ମନ୍ଦିର ନିକଟକୁ ଯାଇଥିଲା। ଉମରକୋଟ ସହରର ମୁଖ୍ୟ ରାସ୍ତାରେ ଯେତେ ପ୍ଲାଷ୍ଟିକ ଆବର୍ଜନା ପଡିଥିଲା ତାକୁ ସଂଗ୍ରହ କରି ଗୋଟିଏ ଜାଗାରେ ଠୁଳ କରାଯାଇଥିଲା। ପ୍ରତି କିରାନା ଦୋକାନ, ବ୍ୟବସାୟୀ, ଜନସାଧାରଣଙ୍କୁ ପଲିଥିନ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନକରିବା ପାଇଁ ସଚେତନ କରାଯାଉଥିଲା। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ପେଣ୍ଡ୍ରାଣି ମନ୍ଦିର ନିକଟରେ ଏକ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକ ଙ୍କୁ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା କିପରି ପରିବେଶ ଦୂଷିତ ହୁଏ ସେହି ବିଷୟରେ ବୁଝାଇଥିଲେ। ପରବର୍ତ୍ତୀ ସମୟରେ ମନ୍ଦିର ପ୍ରାଙ୍ଗଣ ମଧ୍ୟରେ ଥିବା ଅଳିଆ ସଫା କରାଯାଇଥିଲା। ଏଥିରେ ସମସ୍ତ ଛାତ୍ରୀ ଛାତ୍ର ଟ୍ରେନିଂ ଅଫିସର ପି.କେ. ବରମନ, ସୌରଭ ମିଶ୍ର, ପ୍ରଦେଶ ମହାପାତ୍ର, ସଞ୍ଜୁକ୍ତା ଡାକୁଆ, ବାଲାଜୀ ବେହେରା, ତ୍ରିଲୋଚନ ପାଲ, ସୁରାଇ ସାମନ୍ତ ସିଙ୍ଗାର ପ୍ରମୁଖ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଦେଶକୁ ବିକଶିତ ରାଷ୍ଟ୍ରଭାବେ ଗଢ଼ିବାକୁ ସଂକଳ୍ପ

**ଉମରକୋଟ/ଡାବୁଗାଁ/କୋଡ଼ିଙ୍ଗା, ୨୩।୧୧ (ସନ୍ତୋଷ ଶତପଥୀ/ପ୍ରଜ୍ଞାରଞ୍ଜନ ପରିଡ଼ା/ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପକ୍ଷରୁ ବଡଭରଣ୍ଡି ପଞ୍ଚାୟତ ସ୍ଥିତ ପୂଜାରୀଗୁଡ଼ା ଖେଳ ପଡିଆରେ ଭାରତ 'ବିକଶିତ ଭାରତ ସଂକଳ୍ପ ଯାତ୍ରା' ଆରମ୍ଭ କରାଯାଇଛି। ସଂକଳ୍ପ ଯାତ୍ରା ରଥ ବଡଭରଣ୍ଡି ବଗା ପୂଜାରୀ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚିବା ପରେ ଜିଲାପାଳ କମଳ ଲୋଚନ ମିଶ୍ର ଓ ଏବଂ ଅନ୍ୟ ସମସ୍ତେ ଉକ୍ତ ରଥକୁ ସ୍ୱାଗତ କରି ସଭାସ୍ଥଳକୁ ନେଇଥିଲେ। ଏହି କାର୍ଯ୍ୟକ୍ରମ ୫ତାରିଖ ପର୍ଯ୍ୟନ୍ତ ଚାଲିବ। ଗୁରୁବାରରୁ ପ୍ରତିଦିନ ଦୁଇଟି ଲେଖାଏ ପଞ୍ଚାୟତରେ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରଭାବେ ଗଢିବାକୁ ସଂକଳ୍ପ ନେଇଥିଲେ। ବିକାଶ ଭାରତ ସଂକଳ୍ପ ଯାତ୍ରା ବିଷୟରେ ୨୫୦୦ରୁ ଊର୍ଦ୍ଧ୍ୱ ଭ୍ରାମ୍ୟମାଣ ଗାଡ଼ି ଦେଶର ପ୍ରତ୍ୟେକ ଅଞ୍ଚଳକୁ ଯିବ ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ । ଗ୍ରାମୀଣ ଆବାସ ଯୋଜନା, ଶିକ୍ଷା, ମହିଳା ଶିଶୁ ବିକାଶ, ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିଶନ, କୃଷି ବିଭାଗ ପକ୍ଷରୁ ଷ୍ଟଲ ଲାଗିଥିଲା। ଭାରତୀ କଳା ନିକେତନ ପକ୍ଷରୁ "ଧରତି କହେ ପୁକାର କେ" ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍କୁଲ ଓ କଲେଜରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ୬ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ୫ଜଣ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗ୍ୟାସ ଦିଆଯାଇଛି। ଏହି ସମୟରେ ଉମରକୋଟ ବିଧାୟକ ପ୍ରତିନିଧି ରାଜ୍ୟ ସମ୍ପାଦକ ରମେଶଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା, ସମିତି ସଭ୍ୟା ଗୌରୀ ମାଝି, ସରପଞ୍ଚ ଦୁର୍ଯ୍ୟୋଧନ ଗଣ୍ଡ, ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ଓ ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବଡ଼କୁମାରୀ ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ କରାଯାଇଛି।



ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରୀମାନେ ଶପଥପାଠ କରାଉଛନ୍ତି।

ଡାବୁଗାଁ ବ୍ଲକ ଅଧୀନ ଜବାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ମଧ ବିକାଶ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀ ଜନସାଧାରଣଙ୍କୁ ଶପଥ ପାଠ କରାଇଥିଲେ। ଅପରାହ୍ନରେ ବଡ଼ଓଲମା ପଞ୍ଚାୟତରେ ମଧ ବିକାଶ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଡାବୁଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ଜବାଗୁଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ, ବଡ଼ଓଲମା ପଞ୍ଚାୟତ ନିର୍ବାହୀ ଅଧିକାରୀ ହଳଧର ଜାନୀ, ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ର ମଧ ଆୟୋଜନ କରାଯାଇଥିଲା। ଏପିଡି ଯଦୁମଣି ନାୟକ ମୁଖ୍ୟ ଅତିଥି, କୋଷଗୁମଡା ବିଡିଓ ଅସିତ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱର ମାଝି, ଜିପିଓ ତ୍ରିଲୋଚନ ଛଞ୍ଚାଣ, କୋଡ଼ିଙ୍ଗା ସରପଞ୍ଚ ସେବିକା ମାଝି, ସମିତି ସଭ୍ୟ କେମରାଜ ଦିଶାରୀ, ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ସାମାଜିକ କର୍ମୀ ବାବୁଲା ଦାସ, ଅରୁଣ ଅୟକ ପ୍ରମୁଖ ଯୋଗ ଦେଇ ଥିଲେ। ପୂର୍ବତନ ଏମ୍‌ପି କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ବିବରଣୀ ଦେଇଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚୈତନ୍ୟ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାୟଗଡ଼ା,୨୩।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠ ବାରିଖୋଲାସ୍ଥିତ ଚୈତନ୍ୟ ଟେକ୍ନୋ ସ୍କୁଲରେ ଅଘଟଣ ପରେ ସ୍କୁଲ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଭାଜପା ଓ କଂଗ୍ରେସ। ଗୁରୁବାର ଏହି ବିଦ୍ୟାଳୟରେ ୧୧ ଛାତ୍ରୀଛାତ୍ର ଅସୁସ୍ଥ ହେବା ପରେ ଭାଜପା ଓ କଂଗ୍ରେସ ନେତାମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାୟଗଡ଼ା ଥାନାକୁ ଯାଇ ପଚାରି ବୁଝିଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ବ୍ୟବସାୟିକ ମନୋବୃତ୍ତି ଯୋଗୁ ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ସୁରକ୍ଷିତ ନାହାନ୍ତି। ଆଜି ଯେଉଁ ଘଟଣା ଘଟିଛି ସେଥିପାଇଁ ସ୍କୁଲ କର୍ତ୍ତୃପକ୍ଷ ଦାୟୀ ବୋଲି ଭାଜପା ଓ କଂଗ୍ରେସ ଅଭିଯୋଗ କରିଛି। ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସ୍କୁଲରେ ସାମାନ୍ୟ ଫାଷ୍ଟଏଡ୍ ବ୍ୟବସ୍ଥା ନାହିଁ। ଅଭିଭାବକଙ୍କଠାରୁ ମୋଟା ଅଙ୍କର ଡୋନେଶନ ନେଇ ସେମାନଙ୍କୁ ଏକ ପ୍ରକାର ବ୍ଲାକ୍‌ମେଲ୍ କରାଯାଉଥିବାବେଳେ ପିଲାମାନଙ୍କ ଉପରେ ନଜର ରଖାଯାଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ସ୍କୁଲର ସିବିଏସ୍‌ଇ ଆଫିଲିଏସନ ନାହିଁ। ଦଶମ ଶ୍ରେଣୀର ପିଲା ଚୈତନ୍ୟ ଟେକ୍ନୋ ସ୍କୁଲରେ ପଢି ଅନ୍ୟ ଘରୋଇ ସ୍କୁଲ ନାମରେ ପରୀକ୍ଷା ଦେଉଛନ୍ତି, ଯାହାକି ଏକ ବଡ ଅପରାଧ ବୋଲି ଭାଜପା ଓ କଂଗ୍ରେସ ଅଭିଯୋଗ କରିଛି। ଏହାକୁ ନେଇ ଜଣେ ଅଭିଭାବକ ଜିଲାପାଳଙ୍କୁ ପତ୍ର ଲେଖିଥିଲେ। ହେଲେ ପ୍ରଶାସନ ଓ ଶିକ୍ଷା ବିଭାଗ ସବୁ ଜାଣିଶୁଣି ନୀରବ ରହିଛି। ତେଣୁ ଏହି ପ୍ରକାର ଜୁଲମ ବନ୍ଦ କରିବା ସହ ଚୈତନ୍ୟ ସ୍କୁଲ କର୍ତ୍ତୃପକ୍ଷ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ କଂଗ୍ରେସ ଓ ଭାଜପା ନେତାମାନେ ଦାବି କରିଛନ୍ତି। ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା, ଡିସିସି ସାଧାରଣ ସମ୍ପାଦକ ପାର୍ଥ ବର୍ଦ୍ଧନ, ଯୁବ କଂଗ୍ରେସ ଉପସଭାପତି ଅସଲମ ଖାନ, ଭାଜପା କାଉନସିଲର ମଞ୍ଜୁଳା ମିଣିଆକା ପ୍ରମୁଖ ମେଡିକାଲ ଓ ଥାନା ଯାଇ ସ୍ଥିତି ପରଖିଥିଲେ।


ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାୟଗଡ଼ା ଥାନା ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା।

## ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ ଭାରରେ ନେବାବେଳେ ଅଧା ବାଟରେ ପ୍ରସବ

ଟିକିରି,୨୩।୧୧(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକରେ ଥମିବାର ନାଁ ନେଉନି ଜନନୀ ଯନ୍ତ୍ରଣା। ରାସ୍ତା ନ ଥିବାରୁ କେତେବେଳେ ଆମ୍ବୁଲାନ୍ସ ପହଞ୍ଚି ପାରୁନି ତ କେତେବେଳେ ପ୍ରସୂତିଙ୍କୁ ଖଟିଆରେ ବୋହିକି ନେବା ବେଳେ ଅଧାବାଟରେ ପ୍ରସବ ହେଉଥିବା ଦେଖିବାକୁ ମିଳିଛି। କାଶୀପୁର ବ୍ଲକ ଡ଼ଙ୍ଗାସିଲ ପଞ୍ଚାୟତ କାକଡିସେମି ଗ୍ରାମରେ ଗତ ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ସୀତାମନି ମାଝିଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ପାଇଁ ଫୋନ କରିଥିଲେ। ଆମ୍ବୁଲାନ୍ସ ଠିକ୍ ସମୟରେ ପହଞ୍ଚି ଥିଲେ ମଧ୍ୟ ଉକ୍ତ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଏବଂ ଆଶା ଦିଦି ସରିସାମତି ନାଏକ ଗର୍ଭବତୀଙ୍କୁ ପ୍ରାୟ ୩ କିଲୋମିଟର ଖଟିଆରେ ବୋହି ଆଣୁଥିଲେ। ତେବେ ଅଧ ବାଟରେ ସୀତାମନି ଏକ ପୁତ୍ରସନ୍ତାନ ଜନ୍ମ କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡ଼ଙ୍ଗାସିଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମା’ ଓ ନବଜାତ ଶିଶୁ ସୁସ୍ଥ ଥିବା ଡାକ୍ତର କହିଛନ୍ତି।

## ଆମ ଜଙ୍ଗଲ ଯୋଜନା ଉପଦେଷ୍ଟାଙ୍କ ବନ ସୁରକ୍ଷା ସମିତି ପରିଦର୍ଶନ


ବୈଠକରେ ରାଜ୍ୟ ଉପଦେଷ୍ଟା ନାରାୟଣ ପଟ୍ଟନାୟକ ବନ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଗୁଣପୁର,୨୩।୧୧ (ପ୍ରଦୀପ କୁମାର ପାଢ଼ୀ)

ଆମ ଜଙ୍ଗଲ ଯୋଜନାର ରାଜ୍ୟ ଉପଦେଷ୍ଟା ନାରାୟଣ ପଟ୍ଟନାୟକ ଗୁରୁବାର ଗୁଣପୁର ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସମିତି ପରିଦର୍ଶନ କରିଛନ୍ତି । ଗୁଣପୁର ବନାଞ୍ଚଳର ଚିନାଗିଗୁଡା, କଲାମଗୁଡା ଅଞ୍ଚଳରେ ଥିବା ବନ ସୁରକ୍ଷା ସମିତି ସହ ଉପଦେଷ୍ଟା ପଟ୍ଟନାୟକ ଆଲୋଚନା କରିଥିଲେ । ବନ ସୁରକ୍ଷା ସମିତିର କାର୍ଯ୍ୟକାରିତା, ସୁରକ୍ଷା, ଉଜୁଡ଼ା ଜଙ୍ଗଲର ପୁନଃରୁଦ୍ଧାର, ଜଙ୍ଗଲ ପରିଚାଳନା, ଚାରାରୋପଣ, ମୃତ୍ତିକା ସଂରକ୍ଷଣ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରକଳ୍ପ ପରିଚାଳକ ବିଜୟ ରାମ ସେନାପତି, ସହାୟକ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ବନପାଳ ଶିବାନୀ ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶ୍ରୀନିବାସ ପଟ୍ଟନାୟକ, ଆମ ଜଙ୍ଗଲ ଯୋଜନାର ପ୍ରକଳ୍ପ ସଂଯୋଜକ ଦାୟିତ୍ୱରେ ଥିବା ପ୍ରେମାନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆଲୋଚନା କରି ସେମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ।

# ସୋସିଆଲ ମିଡିଆ ବ୍ୟବହାର ପାଇଁ ରାୟଗଡ଼ା ଜିଲା ପୁରସ୍କୃତ

ରାୟଗଡା, ୨୩।୧୧(ଭାଗ୍ୟଶ୍ରୀ ମିଶ୍ର )

ସାମାଜିକ ଗଣମାଧ୍ୟମର ବିଭିନ୍ନ ପ୍ଲାଟ୍‌ଫର୍ମ ଯଥା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଟୁଇଟର ଜରିଆରେ ସରକାରଙ୍କ ବିଭିନ୍ନ ଯୋଜନା ତଥା କାର୍ଯ୍ୟକ୍ରମ ବହୁଳ ପ୍ରଚାର ପ୍ରସାର ଏବଂ ଲୋକାଭିମୁଖୀ କରିବାକୁ ପ୍ରୟାସ କରାଯାଉଛି। ସୋସିଆଲ ମିଡିଆ ବ୍ୟବହାର କରି ସରକାରଙ୍କ ଯୋଜନା ପ୍ରଚାର ନିମନ୍ତେ ରାୟଗଡ଼ା ଜିଲାକୁ ରାଜ୍ୟ ସରକାର ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି । ଜିଲାର ସମସ୍ତ ୩୦ଟି ଜିଲା ପରିଷଦରୁ ସରକାର ପୁରସ୍କୃତ କରିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାରକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ଗ୍ରହଣ କରିଥିଲେ । ଏହାସହ ଅନୁରୂପ ଭାବରେ ରାଜ୍ୟର ୧୦ଟି ବ୍ଲକ ମଧ୍ୟରୁ ରାୟଗଡା ଜିଲାର ମୁନିଗୁଡା ଓ ଗୁଣପୁର ବ୍ଲକକୁ ପୁରସ୍କୃତ କରାଯାଇଛି। ଗତ ୧୮ ତାରିଖରେ ସିଡିଓ ଓ ବିଡିଓମାନଙ୍କୁ ରାଜ୍ୟ ସମ୍ମିଳନୀରେ ପୁରସ୍କୃତ କରାଯାଇଥିଲା ।



ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାୟଗଡ଼ା ଜିଲା ପରିଷଦ ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି ।

# ଶ୍ରମିକଙ୍କ ପାଇଁ ଗଡ଼ିଲା ସଚେତନତା ରଥ

ରାୟଗଡା,୨୩।୧୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲାରେ ଥିବା ଅଣ ସଂଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ନେଇ ଜିଲା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରସନ୍ନ ପାଣିଗ୍ରାହୀ, ଜିଲା ଶ୍ରମ ଅଧିକାରୀ ଯଶ୍ମିନ ଶୁଭଦର୍ଶନୀ ସାହୁ, ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ ରଉତ, ଗୋପାଳ କୃଷ୍ଣ ମଙ୍ଗରାଜ,ନିରଞ୍ଜନ ଭୁୟାଁ ଉପସ୍ଥିତ ଥିଲେ। ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧିନରେ ବୁଲା ବିକାଳି, କ୍ଷୁଦ୍ର ବ୍ୟବସାୟୀ, ଘରୋଇ ଶ୍ରମିକ, ରିକ୍ସା ଚାଳକ, ଅଟୋରିକ୍ସା ଚାଳକ, ମୋଚି, କୃଷି ଶ୍ରମିକ, ଜଙ୍ଗଲରେ କାର୍ଯ୍ୟରତ ଶ୍ରମିକ, ଖବର କାଗଜ ବିକାଳି ଭଳି ୬୦ଟି ବର୍ଗର ଯୋଗ୍ୟ ଅଣସଂଗଠିତ ଶ୍ରମିକମାନେ ବିନା ମୂଲ୍ୟରେ ପଞ୍ଜୀକୃତ ହୋଇ ସାମାଜିକ ସୁରକ୍ଷାରେ ସାମିଲ ହେବା ପାଇଁ ରଥ ସାହାଯ୍ୟରେ ସଚେତନତା କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ସାହୁ କହିଛନ୍ତି । ଏହି ରଥ ସମସ୍ତ ବ୍ଲକ ଓ ପଞ୍ଚାୟତରେ ବୁଲିବ ବୋଲି ସେ କହିଛନ୍ତି ।

# ମେଧାବୃତ୍ତି ତାଲିକା ପ୍ରକାଶିତ

ପଦ୍ମପୁର,୨୩।୧୧ (ପ୍ରଶାନ୍ତ କୁମାର କର)

ଚଳିତ ଶିକ୍ଷା ବର୍ଷ ପାଇଁ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମେଧାବୃତ୍ତି ଚୟନ ପରୀକ୍ଷାର ଚୁଡ଼ାନ୍ତ ଫଳାଫଳ ପ୍ରକାଶ ପାଇଛି। ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୧୬୯୨/୨୦୨୩ ପ୍ରକାରେ, ୫ମ ଶ୍ରେଣୀ ପାଇଁ ଉ-ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ବଳରାମ ବେହେରା ପ୍ରଥମ, ପଦ୍ମପୁରର ସରସ୍ୱତୀ ଶିଶୁ ମନ୍ଦିର ନଟରାଜ ସାହୁ ୨ୟ, ଉ-ଜୁମୁରୁଗୁଡ଼ା ସ୍କୁଲର ଛାତ୍ର ଅଭୟ ସାହୁ ୩ୟ, ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦର ଛାତ୍ରୀ ସଞ୍ଜିତା ଦାସ ୫ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅର୍ଥନୈତିକ ସୀମା ରେଖା ତଳେ ଥିବା ୫ମ ଶ୍ରେଣୀ ମେଧା ତାଲିକାରେ ୧ମ ସ୍ଥାନରେ କେନ୍ଦୁଗୁଡ଼ା ସ୍କୁଲର ଚିନ୍ମୟୀ ସେନାପତି,୨ୟ ସ୍ଥାନରେ ଉ-ଜୁମୁରୁଗୁଡ଼ାର ମୋହିତ ସାହୁ , ୩ୟ ସ୍ଥାନରେ କେନ୍ଦୁଗୁଡ଼ା ସ୍କୁଲର ବଳରାମ ସାହୁ,୪ର୍ଥ ସ୍ଥାନ ରେ ପଦ୍ମପୁରର ଅର୍ଚ୍ଚିତା ସାହୁ ଏବଂ ଗଜାନନ ବିଦ୍ୟାନିକେତନର ଗୌପାଳ କୃଷ୍ଣ ଗୌଡ଼ ୫ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅର୍ଥନୈତିକ ସୀମା ରେଖା ତଳେ ଯାଉଥିବା ୩ୟ ଶ୍ରେଣୀ ମେଧା ତାଲିକାରେ ଜାତ୍ତିଲି ବିଦ୍ୟାଳୟର ବୋଇନା ହାରିକା ପ୍ରଥମ, ଉ-ଜୁମୁରୁଗୁଡ଼ା ସ୍କୁଲର ପ୍ରଣତି ସାହୁ ଓ ଅଭିଷେକ ସାହୁ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ, ଗଜାନନ ବିଦ୍ୟା ନିକେତନର ଛାତ୍ର ଗୁପ୍ତ ଚନ୍ଦ୍ର ଶବର ୪ର୍ଥ, ଉ-ଜୁମୁରୁଗୁଡ଼ା ସ୍କୁଲର ସାଗର ସାହୁ ୫ମ ସ୍ଥାନ ଅଧିକାର କରିଛନ୍ତି। ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପତ୍ରାଙ୍କ ୧୬୯୫/୨୦୨୩ ପ୍ରକାରେ ପଦ୍ମପୁର ଶିଶୁ ମନ୍ଦିର ଓମ୍‌ସାଇ ପାତ୍ର ଓ ଶିବାନୀ ସାହୁ, କଦମାଗୁଡ଼ା ସରକାରୀ ସ୍କୁଲର କିରଣ ସାହୁ, ଜାତ୍ତିଲି ବିଦ୍ୟାଳୟର ସାଧନା ସାହୁ, କେନ୍ଦୁଗୁଡ଼ା ସରସ୍ୱତୀ ଶିଶୁ ମନ୍ଦିରର ସ୍ୱୟଂମଶ୍ରୀ ମିଶ୍ର ଓ ଯଶୋବନ୍ତି ସେନାପତି କୃତିତ୍ୱ ହାସଲ କରିଛନ୍ତି । ଉ-ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଥିବାରୁ ଅଭିଭାବକ, କମିଟି ସଭ୍ୟସଭ୍ୟା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।












## ସଂକ୍ଷେପରେ

### ଦୁର୍ଗୀରେ ଶ୍ରୀ ସତ୍ୟସାଇଙ୍କ ଜୟନ୍ତୀ

ଦୁର୍ଗୀ, ୨୩।୧୧( ଶିଶିର କୁମାର ପାତ୍ର)

ବିଷମକଟକ ବ୍ଲକ୍ ଦୁର୍ଗୀସ୍ଥିତ ଲଳିତ ରାଧେ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ସତ୍ୟସାଇଙ୍କ ୯୮ତମ ଜନ୍ମ ଉତ୍ସବ ପାଳିତ ହୋଇଛି। ଦୀର୍ଘ ୨୦ ବର୍ଷ ହେଲା ଏଠାରେ ଶ୍ରୀ ସତ୍ୟସାଇଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଉଛି। ଜୟନ୍ତୀ ଉତ୍ସବରେ ରୀତିନୀତି ଅନୁସାରେ ବାବାଙ୍କୁ ଆଳତି ସହ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ପୁରୋହିତ ଅଜିତ ପାଣିଗ୍ରାହୀ, କର୍ତ୍ତା ଭାବେ ସତ୍ୟସାଇ ମନ୍ଦିର ଆବାହକ ହରିଚନ୍ଦ୍ର ପାଣିଗ୍ରାହୀ ପୂର୍ଣ୍ଣାହୁତି କରିଥିଲେ। ରତିକାନ୍ତ ଚୌଧୁରୀ, କନ୍ଦର୍ପ ଚୌଧୁରୀ, କାହ୍ନୁ ପାଢ଼ୀ, ବିଜୟୀ ପାଢ଼ୀ ଆଦି ଉପସ୍ଥିତ ଥିଲେ।

### ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ

ଜୟପୁର, ୨୩।୧୧ (ପବନ ପାଣିଗ୍ରାହୀ)

ଜୟପୁର ଅଞ୍ଚଳରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ନୂଆପଡା ଜିଲା ଖରିଆରର ଲୁକେଶ୍ୱର ପଟେଲ। ସେ ଜୟପୁର ସଦର ଥାନା ଅନ୍ତର୍ଗତ ଗରୁଡଗୁଡାଠାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଖରିଫ ଧାନ ମଣ୍ଡିରେ ବିଳମ୍ବ, ଚିନ୍ତାରେ ଚାଷୀ

କୁନ୍ଦୁରା, ୨୩।୧୧ (ସନ୍ତୋଷ ପ୍ରହରାଜ)



କୋରାପୁଟ ଜିଲା ଖରିଫ ଋତୁରେ ଚାଷୀ ଧାନ ଅମଳ ସାରିବାକୁ ବସିଥିବା ବେଳେ ଖରିଫ ଧାନ ମଣ୍ଡି ଏଯାଏ ଆରମ୍ଭ ହୋଇନି। ଡିସେମ୍ବର ୧୪ରୁ ଖରିଫ ମଣ୍ଡି ହେବା ନେଇ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ନିଷ୍ପତ୍ତି ହୋଇଥିବାରୁ ଏହି ସମୟ ମଧ୍ୟରେ ଫାଇଦା ଉଠାଇବାକୁ ବାହାର ରାଜ୍ୟର ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। କୋରାପୁଟ ଜିଲାରେ ଦେଶୀ ଧାନ ଅପେକ୍ଷା ଉନ୍ନତ କିସମର ଧାନ ଚାଷପ୍ରତି ଚାଷୀ ଆଗ୍ରହ ରଖନ୍ତି। ୯୦ ରୁ ୧୨୦ ଦିନ ମଧ୍ୟରେ ଅମଳ ହେଉଥିବା ଧାନକୁ ପ୍ରାୟ ୯୦ ପ୍ରତିଶତ ଚାଷୀ ଚାଷ କରନ୍ତି। ଜିଲାର କୁନ୍ଦୁରା, କୋଟପାଡ଼, ବୋରିଗୁମ୍ମା, ଜୟପୁର, ସେମିଳିଗୁଡା, ଦଶମନ୍ତପୁର, ବନ୍ଧୁଗାଁ, ଲମତାପୁଟ, ନନ୍ଦପୁର ଏବଂ ବୈପାରିଗୁଡ଼ା ବ୍ଲକରେ ଅକ୍ଟୋବର ଶେଷ ସୁଦ୍ଧା ୮୦ ପ୍ରତିଶତ ଖରିଫ ଧାନ ଅମଳ ହୋଇଥାଏ। ବଳକା ୨୦ ପ୍ରତିଶତ ଧାନ ନଭେମ୍ବର ମାସରେ ଅମଳ ହୋଇଥାଏ।ଚାଷୀଙ୍କ ଅମଳକୁ ଗୁରୁତ୍ୱ ଦେଇ ପ୍ରଶାସନ ମଣ୍ଡି ଖୋଲିବା କଥା। ମାତ୍ର ଏହା ହେଉ ନ ଥିବାରୁ ଚାଷୀ ସର୍ବଦା କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଚାଷୀ ନେତା ନରେନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ମଣ୍ଡି ଖୋଲିବା ଯେତେ ବିଳମ୍ବ ହେବ ଚାଷୀ ସେତିକି ଅଭାବୀ ବିକ୍ରିର ଶିକାର ହେବେ। କଟନୀ ଛଟନି ମଧ୍ୟ ବଢିବ ବୋଲି ଯୁବଚାଷୀ ବଦ୍ରି ନାରାୟଣ ଆଚାର୍ଯ୍ୟ କହିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଖରିପ ଧାନମଣ୍ଡି ଖୋଲିବାକୁ ଚାଷୀ ଦାବି କରିଛନ୍ତି।



ଜୟପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ପଞ୍ଚୁକ ଅବସରରେ ଗୁରୁବାର ବଡ ଏକାଦେଶୀରେ ଶ୍ରୀଜୀଉ ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

# ଜୟପୁରରେ ବିଜେଡିର ୩ ଦିନିଆ ପ୍ରଶିକ୍ଷଣ ଶିବିର



ଶିବିରରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା ଓ କର୍ମୀ।

ଜୟପୁର,୨୩।୧୧ (ପବନ ପାଣିଗ୍ରାହୀ)

ବିଜୁ ଜନତା ଦଳ ପକ୍ଷରୁ ତିନି ଦିନ ଧରି ଜୟପୁରଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଜୟପୁର ନିର୍ବାଚନ ମଣ୍ଡଳୀ ଜୟପୁର ବ୍ଲକ ଜୋନ-୧ ଏବଂ ଜୋନ-୨, ଦ୍ୱିତୀୟ ଦିନରେ ବୋରିଗୁମ୍ମା ବ୍ଲକ ଜୋନ-୨, ତୃତୀୟ ଦିନରେ ଜୟପୁର ବ୍ଲକ ଜୋନ-୩ ଏବଂ ଜୟପୁର ପୌରପାଳିକାର ସମସ୍ତ ୱାର୍ଡ଼ କମିଟି ମେମ୍ବର, ପଞ୍ଚାୟତ ସଭାପତି, ପଦାଧିକାରୀଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ହୋଇଥିଲା। ଦଳର ରାଜ୍ୟସ୍ତରୀୟ ଦୁଇଜଣ ପ୍ରଶିକ୍ଷକ ଯୋଗଦେଇ ଉପସ୍ଥିତ ନେତା ଓ କର୍ମକର୍ତ୍ତାଙ୍କୁ ବିଭିନ୍ନ ବିଷୟରେ ବୁଝାଇଥିଲେ। ଏହାର ନେତୃତ୍ୱ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ନେଇଥିଲେ। ଅତିଥି ରୂପେ କୋରାପୁଟ ଜିଲା ସଭାପତି ଝିନ ହିକକା, କୌଶଲ୍ୟା ହିକକା ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିକୁଣ୍ଡରେ ପଡ଼ି ନାବାଳକଙ୍କ ମୃତ୍ୟୁ

ନନ୍ଦପୁର, ୨୩।୧୧(ଶଙ୍କର ପୂଜାରୀ)

ନନ୍ଦପୁର ଥାନା ଅନ୍ତର୍ଗତ ଲମତାପୁଟ ବ୍ଲକ ବନମାଳିପୁଟ ପଞ୍ଚାୟତ ଯୋଡାପୁଟ ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ପାର୍ଶ୍ୱ ବିଲ ପାଣି କୁଣ୍ଡରେ ବୁଡିଯାଇ ଜଣେ ୮ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ନାବାଳକଙ୍କ ଘର ପଟାଙ୍ଗି ଅଞ୍ଚଳରେ। ସେ ଯୋଡ଼ାପୁଟ ଗ୍ରାମରେ ଥିବା ତାଙ୍କ ମାମୁ ଘରକୁ ବୁଲିବାକୁ ଆସିଥିଲେ। ଖେଳୁ ଖେଳୁ ଅଜାଣତରେ ଉପରୋକ୍ତ ପାଣିକୁଣ୍ଡିରେ ପଡ଼ିଯାଇଥିଲେ। ଖବରପାଇ ନନ୍ଦପୁର ଅଗ୍ନିଶମ ବାହିନୀ କର୍ମଚାରୀ ଏସଓ ବିଶ୍ୱଜିତ୍ ରାଉତଙ୍କ ନେତୃତ୍ୱରେ ପହଞ୍ଚି କୁଣ୍ଡ ମଧ୍ୟରୁ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ତାଙ୍କ ବାପାଙ୍କ ଏତଲାକ୍ରମେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଆଶ୍ରିତା ଲାକ୍ରା କହିଛନ୍ତି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ବିଜ୍ଞାନ ଜ୍ୟୋତି ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କୋରାପୁଟ,୨୩।୧୧(ଅମିତାଭ ବେହେରା)–

କୋରାପୁଟ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ୧୧୪ ଜଣ କୁନି କୁନି ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପଗୁଡିକ ପ୍ରଦର୍ଶନ କରିଥିଲେ। ଦୁଇ ଜଣ କୁନି ବୈଜ୍ଞାନିକଙ୍କ ଦ୍ୱାରା ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରାଯାଇଥିଲା। ଅପରାହ୍ନର ଉଦଯାପନୀ ଉତ୍ସବରେ ଡିଏଫ୍ଓ କେଭି ଭାସ୍କର ରାଓ ମୁଖ୍ୟଅତିଥି, ଭାରପ୍ରାପ୍ତ ଅଧକ୍ଷ ଡ ଦେବେନ୍ଦ୍ର ସେଠୀ ମୁଖ୍ୟବକ୍ତା ଏବଂ ବିଡିଓ ଡ. ଦେବାଶିଷ ଗୌଡ, ଏବିଇଓ ସୁଷମା ପଟ୍ଟନାୟକ ଏବଂ ଜିଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରସ୍ତୁତ ଏକ ପୁସ୍ତିକା 'ବିଜ୍ଞାନ ଜ୍ୟୋତି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀ, ରାଜେନ୍ଦ୍ର ପ୍ରସାଦ ରଥ, ଆର. ଶିବ ଶଙ୍କର ପଟନାୟକ, ବିଜୟ ସାହୁ, ସୁଧୀର ମହାନ୍ତି, ରତିକାନ୍ତ ଦାସ, ହରେକୃଷ୍ଣ ମହାରଣା, ସିଆରସିସି ପ୍ରଦୀପ ପାତ୍ର ଓ ହର ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

# ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଚୋରି

ନନ୍ଦପୁର, ୨୩।୧୧ (ଶଙ୍କର ପୂଜାରୀ)

## ସନ୍ଧାନୀ କୁକୁର ସହାୟତାରେ ତଦନ୍ତ, ମିଳିଲାନି କିଛି ସୁରାକ



କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସୁନା ଅଳଙ୍କାର ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଦୋକାନ ମାଲିକ ସିଏଚ ଶ୍ରୀନିଭାସନ ନନ୍ଦପୁର ଥାନାରେ ଗୁରୁବାର ଏତଲା ଦେଇଛନ୍ତି। ଦୁର୍ବୃତ୍ତମାନେ ଶ୍ରୀନିଭାସନଙ୍କ ଦୋକାନର ସାମନା ପଟ ତାଲାଭାଙ୍ଗି ଦୋକାନ ଭିତରେ ଥିବା ୨୫ ଭରିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଓ ୩ କିଲୋରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ଲୁଟି ନେଇଥିବା ଏତଲାରେ ଉଲ୍ଲେଖ ରହିଛି। ପୋଲିସ କେସ୍‌ନଂ. ୧୫୨/୨୩ ମାମଲା ରୁଜୁ ହୋଇଛି। ସଡିପିଓ ସଞ୍ଜୟ ମହାପାତ୍ର ଓ ନନ୍ଦପୁର ଥାନାଧିକାରୀ ଆଶ୍ରିତା ଖାଲକୋଙ୍କ ତତ୍ତ୍ୱାବଧାନରେ ଏସଆଇ ବେଦୋବର ସାହୁ ତଦନ୍ତ କରୁଛନ୍ତି। ବୈଷୟିକ ତଦନ୍ତକାରୀ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। ସନ୍ଧାନି କୁକୁର ଦୋକାନରୁ ବାହାରି ନନ୍ଦପୁର ମାଳିବାଡ ଯାଏ ଯାଇଥିଲା। ଆଗକୁ କାଦୁଅ ବିଲଜମି ଥିବାରୁ କୁକୁର ସେଠାରେ ଅଟକି ପରେ ଫେରି ଆସିଥିଲା। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ମହାପାତ୍ର କହିଛନ୍ତି।

# ଜୀବନରେ କ୍ରୀଡ଼ାର ରହିଛି ସୁଦୂରପ୍ରସାରୀ ପ୍ରଭାବ

ଦଶମନ୍ତପୁର ୨୩।୧୧ (ଅରବିନ୍ଦ ନାୟକ)

## ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମାଛପୁଟ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଗୁରୁବାର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଛି। ପ୍ରଧାନ ଶିକ୍ଷକ ନରେନ୍ଦ୍ର ଖୋସଲାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟ୍ଟି ଯୋଗଦେଇ ଉତ୍ସବ ଉଦ୍‌ଟନ କରି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ, ବିଦ୍ୟାଳୟର ଅତିରିକ୍ତ ଅଧକ୍ଷ ହୃଷିକେଶ ବିଡ଼ିକା, ଅଧ୍ୟାପକ ଘନ ଜାନି, କିର୍ତ୍ତିକା ଦେବୀ, ଅମ୍ବିକା ଝୋଡ଼ିଆ, ଶିକ୍ଷକ ରାଜକୁମାର ବିଡ଼ିକା, ସୁରେଶ ବେହେରା, କ୍ରୀଡ଼ା ଶିକ୍ଷକ ରାମଚନ୍ଦ୍ର ଜାନି, କୃଷ୍ଣ ଶିସା ଉପସ୍ଥିତ ଥିଲେ। କ୍ରୀଡାର ବିକାଶ ଓ ଜୀବନରେ ଏହାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଅତିଥିମାନେ ଆଲୋକପାତ କରି ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ କ୍ରୀଡାରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଶତାଧିକ ଛାତ୍ରୀଛାତ୍ରଙ୍କ ସହ ଶୋଭାଯାତ୍ରାରେ କ୍ରୀଡା ମଶାଲକୁ ଖେଳ ପଡିଆକୁ ଅଣାଯାଇଥିଲା। ୨ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବରେ କବାଡ଼ି, ଭଲିବଲ, ଫୁଟବଲ, ଖୋଖୋ, କ୍ରିକେଟ ସହ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ସେବାଶ୍ରମ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। କୃଷ୍ଣ ଶିଶା ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।



